idco
Your power to grow

# ଏକାମ୍ର ହାଟ
## ପ୍ରଦର୍ଶନୀ ପଡିଆ, ୩- ନମ୍ବର , ଭୁବନେଶ୍ୱର

Ekamra Haat
The Craft Village

## ଦୋକାନ ଘର ଆବଣ୍ଟନ ବିଜ୍ଞପ୍ତି

ହସ୍ତଶିଳ୍ପ କାରୀଗର ଓ ବୁଣାକାରମାନଙ୍କୁ ସେମାନଙ୍କର ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା କରିବାପାଇଁ "ଏକାମ୍ର ହାଟ" ସିଧାସଳଖ ବଜାର ଯୋଗାଇବାରେ ବିଗତ କିଛି ବର୍ଷ ଧରି ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଅଛି ।

ଆସନ୍ତା ୧।୧୧।୧୧ ଠାରୁ ୩୧।୧୦।୧୨ ପର୍ଯ୍ୟନ୍ତ ମାସିକିଆ ଭିତ୍ତିରେ ପ୍ରଚଳିତ ନିୟମ ମୁତାବକ, ଏକାମ୍ର ହାଟର ନିର୍ଦ୍ଧାରିତ ୨୧ଟି ଦୋକାନ ଘର ଆବଣ୍ଟନ ପାଇଁ ଇଚ୍ଛୁକ ସରକାରୀ ପରିଚୟ ପତ୍ର ପ୍ରାପ୍ତ ଓଡ଼ିଶାର ହସ୍ତଶିଳ୍ପ କାରୀଗର ଓ ବୁଣାକାରମାନଙ୍କଠାରୁ ସାଧା କାଗଜରେ ନିମ୍ନଲିଖିତ ଫରମାରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି ।

### ଆବେଦନ ଫରମା

| ଦୋକାନ ଘର ନମ୍ବର | ମାସର ଇଂରାଜୀ ନାମ | ସରକାରୀ ପଞ୍ଜୀକରଣ ନମ୍ବର | ପ୍ରସ୍ତୁତ ସାମଗ୍ରୀ |
|---|---|---|---|
| ୧, ୫, ୭, ୯, ୧୧, ୧୩, ୧୫, ୧୭, ୧୯, ୨୧, ୨୩, ୨୫, ୨୭, ୨୯, ୩୧, ୩୫, ୩୭, ୩୯, ୪୧, ଡି-୬ ଓ ଡି-୭ (ଯେକୌଣସି ଗୋଟିଏ) | | | |

**ସର୍ତ୍ତାବଳୀ :-**

୧. ଜଣେ କାରୀଗର ବା ବୁଣାକାର ମାତ୍ର ଗୋଟିଏ ଦୋକାନ ଘର ଗୋଟିଏ ମାସ ପାଇଁ ଆବେଦନ କରିପାରିବେ ।

୨. ଆବେଦନ ପତ୍ର ମୁଦା ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିମ୍ନ ପ୍ରଦତ୍ତ ଠିକଣାରେ ଭାରତୀୟ ଡାକ ସେବା ଦ୍ୱାରା ପଠାଇବାକୁ ହେବ । ଲଫାପା ଉପରେ ଦୋକାନ ଘର ନମ୍ବର ଲେଖିବାକୁ ହେବ ।

୩. ଆବେଦନ ପତ୍ର ସହ କାରୀଗର ବା ବୁଣାକାରଙ୍କ ପଞ୍ଜୀକରଣ ପ୍ରମାଣ, ଠିକଣା ପ୍ରମାଣ ଓ ପୁରସ୍କାର/ପ୍ରଶଂସା ପତ୍ର ଇତ୍ୟାଦିର ପ୍ରମାଣ ଯୋଡିବାକୁ ହେବ ।

୪. ଆବେଦନ ପତ୍ର ବିଧି ମୁତାବକ ତା ୧୦।୧୦।୧୧ ଦିବା ୫ ଘଟିକା ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଗ୍ରହଣ କରାଯିବ । ଡାକସେବା ଜନିତ କୌଣସି କ୍ଷୟକ୍ଷତି ବା ବିଳମ୍ବ ହେତୁ ଆବେଦନ ଆହ୍ୱାନକାରୀ ବା ତାଙ୍କ ସଂସ୍ଥା ଦାୟୀ ରହିବେ ନାହିଁ ।

୫. ତା ୧୪।୧୦।୧୧ ରିଖ ଦିବା ୩ ଘଟିକାରେ ସମସ୍ତ ଆବେଦନ ପତ୍ର ଯିଏ ସିଏ ଉପସ୍ଥିତିରେ ନିୟମ ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବ ଓ ଲଟେରୀ/ ଯୋଗ୍ୟତା ମାଧମରେ ଦୋକାନ ଘର ଆବଣ୍ଟନ ହେବ ।

୬. ଦୋକାନ ଘର ପାଇଥିବା ଜଣେ କାରୀଗର/ବୁଣାକାର ପାଇବା ସମୟ ଅବଧିର ଭବିଷ୍ୟତ ୨ ମାସ ମଧରେ ଆଉଥରେ ଦୋକାନ ଘର ପାଇପାରିବେ ନାହିଁ ।

୭. ଆବଣ୍ଟନ ପତ୍ର ପ୍ରେରଣର ୭ ଦିନ ମଧରେ ଦୋକାନ ଘର ପାଇଥିବା ବ୍ୟକ୍ତି ବିଶେଷଙ୍କୁ ଦୋକାନ ଘର ଭଡା ଦିନକୁ ଟ.୫୦.୦୦ ହିସାବରେ ଅଗ୍ରୀମ ଆକାରରେ ସମ୍ପୂର୍ଣ୍ଣ ପଇଠ ନିୟମ ମୁତାବକ କରିବାକୁ ହେବ ।

୮. ଘରଭଡା ପଇଠ ଖିଲାପକାରୀ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ଏକାମ୍ରହାଟର କୌଣସି ଦୋକାନ ପାଇଁ ଆବେଦନ କରିପାରିବେନାହିଁ ।

୯. ନିମ୍ନ ସ୍ୱାକ୍ଷରକାରୀ ବା ତାଙ୍କ ସଂସ୍ଥା ସମସ୍ତ ଆବେଦନ ପତ୍ର ବା ତହିଁର ଅଂଶବିଶେଷକୁ ଗ୍ରହଣ କରିବାପାଇଁ ବାଧ ନୁହଁନ୍ତି । କୌଣସି କାରଣ ନ ଜଣାଇ ପାଇଥିବା ଆବେଦନପତ୍ର ବା ତହିଁର ଯେ କୌଣସି ଅଂଶବିଶେଷକୁ ସେ ବା ତାଙ୍କ ସଂସ୍ଥା ଖାରଜ କରିପାରିବେ ।

ବଶମ୍ବଦ
ଭବକୃଷ୍ଣ ସାମନ୍ତରାୟ
ଖଣ୍ଡିୟ ମୁଖ୍ୟ, ଏକାମ୍ରହାଟ, ଭୁବନେଶ୍ୱର
ଦୂରଭାଷ - ୦୬୭୪-୨୩୯୩୧୬୯

ଆବେଦନ ପ୍ରେରଣ ଠିକଣା
Divisional Head
IDCO Urban Haat Division
Ekamra Haat, Exhibition Ground
Unit-III, Bhubaneswar-751001